# ଆଦିବାସୀ ମେଳାର ନବମ ସଂଧ୍ୟା : ୦୩.୦୨.୨୦୧୦

ଆଜି ଥିଲା ରାଜ୍ୟସ୍ତରୀୟ ଆଦିବାସୀ ମେଳା ଓ ସାଂସ୍କୃତିକ ଉତ୍ସବର ନବମ ସଂଧ୍ୟା । ଏହି ସଂଧ୍ୟାରେ ସମ୍ମାନିତ ଅତିଥି ହିସାବରେ ସମ୍ମାନିତ ଅତିଥି ମାନ୍ୟବର ପାଟଣା ବିଧାୟକ ଶ୍ରୀଯୁକ୍ତ ହୃଷୀକେଶ ନାୟକ, କେନ୍ଦୁଝର ବିଧାୟକ ଶ୍ରୀଯୁକ୍ତ ସୁବର୍ଣ୍ଣ ନାୟକ ଓ ବାଲିଗୁଡ଼ା ବିଧାୟକ ଶ୍ରୀଯୁକ୍ତ କରେନ୍ଦ୍ର ମାଝି ଯୋଗଦାନ କରିଥିଲେ । ସାନ୍ଧ୍ୟ ଅଧିବେଶନ ଆରମ୍ଭରେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀର ସଦସ୍ୟ ସଚିବ ତଥା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ତାଲିମ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଅଖିଳ ବିହାରୀ ଓତା ସ୍ୱାଗତ ଅଭିଭାଷଣ ପ୍ରଦାନ ପୂର୍ବକ ଆଦିବାସୀ ମେଳାର ମହତ୍ତ୍ୱ ଉପରେ ତାଙ୍କ ମନ୍ତବ୍ୟ ଦେଇ ମେଳାର ସଫଳତା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

ଅଭିଭାଷଣ ପ୍ରସଂଗରେ ପାଟଣା ବିଧାୟକ ଶ୍ରୀଯୁକ୍ତ ହୃଷୀକେଶ ନାୟକ କହିଥିଲେ ପୁରାତନ କାଳରୁ ଚଳିଆସୁଥିବା ଆଦିବାସୀମାନଙ୍କର ଜୀବନ ଶୈଳୀର ଏକ ନିଖୁଣ ଚିତ୍ର ଏଇ ବର୍ଣ୍ଣାଢ୍ୟ ଆଦିବାସୀ ମେଳା ପରିସରରେ ସୁନ୍ଦର ଭାବରେ ପରିବେଷିତ ହୋଇଛି । ଖୁସିରେ ଲୋକେ ମେଳାକୁ ଉପଭୋଗ କରୁଛନ୍ତି । ଏହି ମେଳା ସମସ୍ତଙ୍କ ପାଇଁ ଏକ ଉଦାହରଣ ହୋଇଛି ।

ସଂଧ୍ୟାର ଅନ୍ୟତମ ଅତିଥି କେନ୍ଦୁଝର ବିଧାୟକ ଶ୍ରୀଯୁକ୍ତ ସୁବର୍ଣ୍ଣ ନାୟକ ବକ୍ତବ୍ୟ ପ୍ରସଂଗରେ କହିଥିଲେ ଏଇ ମେଳା ଏକ ମହୋତ୍ସବ । ଆଦିବାସୀ ମାନଙ୍କର କାର୍ଯ୍ୟଶୈଳୀ ଏଠାରେ ଉପସ୍ଥାପିତ ହୋଇ ଲୋକମାନଙ୍କୁ ଆନନ୍ଦର ଖୋରାକ ଯୋଗାଉଛି । ଆଦିବାସୀ ମାନଙ୍କର ସଂସ୍କୃତି ସଭ୍ୟତା ସମାଜ ବହୁ ପୁରାତନ । ପ୍ରତି ଆଦିବାସୀ ସଂପ୍ରଦାୟ ନିଜସ୍ୱ ଭାଷା, ସଂସ୍କୃତି ଓ ଉନ୍ନତ ସାମାଜିକ ପରଂପରା ରହିଛି । ଏହା ବହୁ ପୁରାତନ । ଆଦିବାସୀମାନେ ସଂଗଠିତ ହୋଇ ନିଜର ପରିଚିତି ସୃଷ୍ଟି କରି ପାରିଲେ ଏକ ବିକଶିତ ଓଡ଼ିଶା ସମ୍ଭବ ହୋଇପାରନ୍ତା ।

ଅନ୍ୟତମ ଅତିଥି ମାନ୍ୟବର ବାଲିଗୁଡ଼ା ବିଧାୟକ ଶ୍ରୀଯୁକ୍ତ କରେନ୍ଦ୍ର ମାଝି ତାଙ୍କ ବକ୍ତବ୍ୟ ଉପସ୍ଥାପନ ଛଳରେ କହିଥିଲେ ଆଦିବାସୀ ମେଳାର ଉଦ୍ଦେଶ୍ୟ ମହତ । ଏହାର ରହସ୍ୟ ଭେଦ କରିବା ଆବଶ୍ୟକ । ଆଦିବାସୀମାନଙ୍କର ସଂସ୍କୃତି ଓ ପରଂପରାର ଏକ ନିଆରା ସ୍ୱାଦ ରହିଛି । ଏମାନଙ୍କର ଜୀବନଶୈଳୀ ସୁନ୍ଦର । ଆଦିବାସୀର ସ୍ୱଭାବ ଚରିତ୍ର ମଧ ଉତ୍ତମ । ଋଗ୍‌ବେଦ ଯାହାକୁ ସମସ୍ତେ ମାନୁଛନ୍ତି ତାହା ଜନଜାତି ସଂପ୍ରଦାୟରୁ ଉଦ୍‌ଭବ । ବେଦର ଗୁଣିଗାରେଡ଼ି, ଯନ୍ତ୍ର, ତନ୍ତ୍ର ସବୁ ଜନଜାତିର ପ୍ରାଚୀନ ସଂସ୍କୃତିର ପରିଚୟ । ଆଦିବାସୀମାନଙ୍କର ଖାଦ୍ୟ ଭିତରେ ରୋଗ ପ୍ରତିରୋଧକ ଶକ୍ତି ରହିଛି । ଧରଣି ମାତାର ପୂଜକ ହେଉଛନ୍ତି ଆଦିବାସୀ । ଆଦିବାସୀ ସଂସ୍କୃତି, ପରଂପରା, ପୂଜାବିଧି, ଐତିହ୍ୟ ବଞ୍ଚିରହିଲେ ଜନଜାତି ସଂସ୍କୃତି ବଞ୍ଚିରହିବ । ସେମାନଙ୍କର ଉତ୍ପତ୍ତି, କ୍ରିୟା, କର୍ମ ତଥା କଳା କୌଶଳ ଉପରେ ଗବେଷଣା କରାଯାଇ ସ୍ୱତନ୍ତ୍ର ପୁସ୍ତକ ପ୍ରଣୟନ କରାଗଲେ ଏଜାତିର ଗହନ କଥା ଓ ପ୍ରାଚୀନ ପରଂପରା ବିଶ୍ୱ ଦରବାରକୁ ନୂତନ ମାର୍ଗ ଦର୍ଶନ ଦେବ ।

ଏହାପରେ ଧନ୍ୟବାଦ ଅର୍ପଣ ଉପରାନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଆଜିର ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଆଇ.ଟି.ଡି.ଏ. ଚମ୍ପୁଆ ପ୍ରାୟୋଜିତ ହୋ ନୃତ୍ୟ । ଏହାଛଡ଼ା କୁଟିଆ କନ୍ଧ ଉନ୍ନୟନ ସଂସ୍ଥା, ବେଲଘର ପ୍ରାୟୋଜିତ କୁଟିଆ କନ୍ଧ ମାନଙ୍କର ମେରିଆ ନୃତ୍ୟ ଓ ଆଇ.ଟି.ଡ଼ି.ଏ., କୁଚିଣ୍ଡା ପ୍ରାୟୋଜିତ କିସାନ ମାନଙ୍କର ବିବାହ ନୃତ୍ୟ । ପରେ ପରେ ଶିରିପୁର ସେବାଶ୍ରମର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ନୃତ୍ୟ ବିଚିତ୍ରା ଦର୍ଶକଙ୍କ ମନୋରଞ୍ଜନର ଖୋରାକ ଯୋଗାଇଥିଲା । ଜିଲ୍ଲା ଯକ୍ଷ୍ମା କର୍ତ୍ତୃପକ୍ଷ ଭୁବନେଶ୍ୱରଙ୍କ ପ୍ରଯୋଜନାରେ ପରିବେଷଣ କରାଯାଇଥିବା ସଚେତନତା ଧର୍ମୀ ନାଟିକା ଦର୍ଶକମାନଙ୍କର ବେଶ୍ ଉପଭୋଗ୍ୟ ହୋଇପାରିଥିଲା ।